# ଧରିତ୍ରୀ
DHARITRI

## ସଂକ୍ଷେପରେ

### ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

ଢେଙ୍କାନାଳ ଅଫିସ,୧୮।୧୧- ଢେଙ୍କାନାଳ ସଦର ବ୍ଲକ ବାରଦାସ୍ଥିତ ଲଛମନ ଉଚ୍ଚ ବିଦ୍ୟାଳୟରେ ସୋମବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କବିତା ମଞ୍ଜରୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସମ୍ପ୍ରତି ବିଜ୍ଞାନ ଓ କାରିଗରି ବିଦ୍ୟା ଦୈନନ୍ଦିନ ଜୀବନରେ ପ୍ରୟୋଗ ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା। ବିଜ୍ଞାନ ଶିକ୍ଷକ ରାଧାମୋହନ ମାଝି ବିଜ୍ଞାନର ଆବଶ୍ୟକତା ଉପରେ ମତ ରଖିଥିଲେ। ବିଚାରକ ଭାବେ ଲାଲୁପ୍ରସାଦ ସେନ ଓ ମଧୁସ୍ମିତା ବେହେରା ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

■ପିଇଓଙ୍କୁ ମାଡ଼ ଭିଡିଓ ଭାଇରାଲ ଘଟଣା

### ଥାନାରେ ବିଡିଓଙ୍କ ଅଭିଯୋଗ

କାମାକ୍ଷାନଗର, ୧୮।୧୧(ଡି.ଏନ.ଏ.)- ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ଘାଗରାମୁଣ୍ଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ବସନ୍ତ ବେହେରାଙ୍କୁ କେତେଜଣ ହିତାଧିକାରୀ ମାଡ଼ ମାରିବାର ଏକ ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ ହୋଇଥିଲା। ଏହି ଘଟଣାକୁ ନେଇ କଙ୍କଡାହାଡ ବିଡିଓ ଦେବଦତ୍ତ ମହନ୍ତ ଶନିବାର ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରୁ ଜଣାପଡ଼ିଛି, ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନରେ ଲାଞ୍ଚ କାରବାର ହେଉଥିବା ଏବଂ ଅଯୋଗ୍ୟଙ୍କୁ ଯୋଜନାରେ ସାମିଲ କରାଯାଉଥିବା ଅଭିଯୋଗ କରି ହିତାଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟରେ ପଶି ନିର୍ବାହୀ ଅଧିକାରୀଙ୍କୁ ମାଡ଼ ମାରିଥିଲେ। ଏହି ମାଡ଼ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ବିଡିଓ ଦେବଦତ୍ତ ଗତ ୧୬ ତାରିଖରେ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। ଏଥିସହିତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଆସିଥିବା ଅଭିଯୋଗର ମଧ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସୋମବାର କଙ୍କଡାହାଡ଼ ବ୍ଲକରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ସରିବା ପରେ ବିଡିଓଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, କାମାକ୍ଷାନଗର ଉପଜିଲାପାଳ ଇଂ ବିଷ୍ଣୁପ୍ରସାଦ ଆଚର୍ଯ୍ୟ, ବିଡିଓ ଦେବଦତ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ।

### ଝୁଲନ୍ତା ମୃତଦେହ ଉଦ୍ଧାର

ଅନୁଗୋଳ ଅଫିସ, ୧୮।୧୧- ଅନୁଗୋଳ ଥାନା ରାଣୀଗୋଡ଼ା ଗ୍ରାମର ତ୍ରିବେଣୀ ଛକରେ ଭଡ଼ାରେ ରହୁଥିବା ସଞ୍ଜୟ ବଳଙ୍କ ଘରୁ ତାଙ୍କ ଭଣଜା ପ୍ରକାଶ ଭୂୟାଁ(୧୮)ଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ଜଣଙ୍କ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁର ଅଞ୍ଚଳର ସଞ୍ଜୟ ଭୂୟାଁଙ୍କ ପୁଅ ବୋଲି ପୋଲିସ କହିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ପ୍ରକାଶ ସଞ୍ଜୟ ବଳଙ୍କ ଅନୁଗୋଳ ସ୍ଥିତ ଭଡ଼ା ଘରେ ରହୁଥିଲେ। ଜେଜେ ମାଙ୍କର ମୃତ୍ୟୁ ହୋଇଥିବାରୁ ସଞ୍ଜୟ ବଳ ଶୁଦ୍ଧିକ୍ରିୟା ପାଇଁ ଘରକୁ ଯାଇଥିଲେ। ଫଳରେ ପ୍ରକାଶ ଘରେ ଏକୁଟିଆ ରହୁଥିଲେ। ରବିବାର ରାତିରେ ସଞ୍ଜୟ ଭଣଜା ପ୍ରକାଶଙ୍କ ନିକଟକୁ ଫୋନ କରିଥିଲେ ମଧ ସେ ଉଠାଇ ନ ଥିଲେ। ପ୍ରକାଶଙ୍କୁ ଡାକିବାକୁ ସଞ୍ଜୟ ପଡୋଶୀଙ୍କୁ ଫୋନ କରି କହିଥିଲେ। ସ୍କାଏଲାଇଟ୍ ବାଟେ ପ୍ରକାଶଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ଦେଖିବା ପରେ ପଡୋଶୀ ସଞ୍ଜୟଙ୍କୁ ଜଣାଇଥିଲେ। ସୋମବାର ପୋଲିସ ପହଞ୍ଚି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ କବାଟ ଖୋଲି ମୃତଦେହ ଉଦ୍ଧାର କରି ମେଡିକାଲ ନେଇଥିଲେ।

### ଟ୍ରକ୍ ଚୋରି ଅଭିଯୋଗ

ଅନୁଗୋଳ ଅଫିସ, ୧୮।୧୧- ଅନୁଗୋଳ ପିଟିସି ଛକ ପୂର୍ବରୁ ଥିବା ଆଖଣ୍ଡଳମଣି ମନ୍ଦିର ନିକଟରୁ ଏକ ୧୦ ଚକିଆ ଟ୍ରକ ରବିବାର ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଛାନଭିନ୍ ଆରମ୍ଭ କରିଛି। ମନ୍ଦିର ନିକଟରେ ଟ୍ରକ (ଓଆର୍-୦୫-ଏବି-୭୨୪୫)ଟି ଛିଡ଼ା ହୋଇଥିବାବେଳେ କେହି ନେଇଯାଇଥିବା ଅଭିଯୋଗ ହୋଇଛି। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ୧୦୨ ଅଭିଯୋଗ ଶୁଣିଲେ ଜିଲାପାଳ



କାମାକ୍ଷାନଗର,୧୮।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଯୋଗଦେଇ ୧୦୨ଟି ଅଭିଯୋଗ ଶୁଣିଥିଲେ। ଏଥିରେ ସରକାରଙ୍କ ଗୃହ ନିର୍ମାଣ ଯୋଜନା, ଭତ୍ତା, ଜମିବାଡି, ଶିକ୍ଷା, ପାନୀୟ ଜଳ, ପୋଲିସ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ରହିଥିଲା। ଏହି ଅବସରରେ ଜିଲାପାଳ ରେଡକ୍ରସ୍ ପାଣ୍ଠିରୁ ୨ ହଜାର, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ସହ ୨ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର, ୩ ଜଣଙ୍କ ଭତ୍ତା ମଞ୍ଜୁର କରି ଟଙ୍କା ପ୍ରଦାନ କରିଥିଲେ। ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ, ଜିଲା ଆରକ୍ଷୀ ଅଧିକାରୀ ଅନୁପମା ଜେମ୍ସ, ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଜିଲା ଚିକିତ୍ସାଧିକାରୀ ଡା. ନିରଞ୍ଜନ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡା, ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଏସ୍‌ଡିପିଓ ସୁପ୍ରସନ୍ନ ମଲିକ, ବିଡିଓ ଦେବଦତ୍ତ ମହାନ୍ତି, ଜିଲା ମଙ୍ଗଳ ଅଧିକାରୀ ମାନସ କୁମାର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ, ଜିଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ରେଞ୍ଜର ବିଭୂଦାନନ୍ଦ ମିଶ୍ର, ସତ୍ୟନାରାୟଣ ସାହୁ, ପୂର୍ତ୍ତ ଓ ଗୃହ ନିର୍ମାଣ ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ, ପିଜିସିଏଲ ଅଧିକାରୀ ସିତାଂଶୁ ଶେଖର ଦାସ, ଶଶାଙ୍କ ଶେଖର ମିଶ୍ରଙ୍କ ସମେତ ବିଭିନ୍ନ ଜିଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟ୍ରେଲର ଧକ୍କାରେ ୩ ଛାତ୍ରୀ ଗୁରୁତର

ପରଜଙ୍ଗ,୧୮।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୧୪୯ ନଂ. ଜାତୀୟ ରାଜପଥର ପରମହଂସପୁର ଛକ ନିକଟରେ ସୋମବାର ଏକ ଟ୍ରେଲର ଧକ୍କାରେ ପରମହଂସପୁର ଗ୍ରାମର ୩ ଜଣ ଛାତ୍ରୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୁରତୀ ବିଶ୍ୱାଳ, ନିରୂପମା ନାଏକ। ଅନ୍ୟ ଜଣଙ୍କ ପରିଚୟ ଜଣାପଡ଼ିନାହିଁ।

ପ୍ରକାଶ ଯେ, ପରଜଙ୍ଗ କଲେଜରୁ ପରମହଂସପୁର ଗ୍ରାମକୁ ସାଇକେଲ ଯୋଗେ ଛାତ୍ରୀମାନେ ଫେରୁଥିବାବେଳେ ପିତିରିରୁ ପାଲଲହଡ଼ା ଅଭିମୁଖେ ଯାଉଥିବା ଏକ ଛଡ ବୋଝେଇ ଟ୍ରେଲର (ନଂ.ଓଡି୦୪କେ-୨୪୭୧) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଛାତ୍ରୀମାନେ ଗୁରୁତର ହୋଇଥିଲେ। ଦୁର୍ଘଟଣାପରେ ଟ୍ରେଲରଟି ପଳାଇ ଯାଉଥିବାବେଳେ ସ୍ଥାନୀୟ ଲୋକେ ଗାଡ଼ିକୁ ଅଟକାଇ ପୋଲିସ ଜିମା ଦେଇଛନ୍ତି। ଗୁରୁତର ଛାତ୍ରୀଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଟ୍ରେଲର ଜବତ କରିବା ସହ ଚାଳକ ବିହାର ଅଞ୍ଚଳର ଚନ୍ଦନ କୁମାରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# ଖଡ଼ଗପ୍ରସାଦରେ କୁମ୍ଭୀର ଆତଙ୍କ





ପାଣିରେ ଦେଖାଯାଉଥିବା କୁମ୍ଭୀର। ବନ ବିଭାଗ ପକ୍ଷରୁ କୁମ୍ଭୀରକୁ ଖୋଜାଯାଉଛି।

ଓଡାପଡା,୧୮।୧୧(ଡି.ଏନ.ଏ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦ ଗ୍ରାମ ବାଲିଘାଟ ନିକଟରେ କୁମ୍ଭୀର ଦେଖିଥିବା ନେଇ ଅଞ୍ଚଳବାସୀ ପ୍ରକାଶ କରିବା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ପ୍ରାୟ ୬ ଫୁଟ ଲମ୍ବର କୁମ୍ଭୀରଟି ସୋମବାର ମଧାହ୍ନ ପ୍ରାୟ ୧୨ଟାରେ ବାଲିଘାଟରେ ଏକ ପଥର ନିକଟରେ ଖରାରେ ଶୋଇଥିବା ଗ୍ରାମର ପ୍ରଶାନ୍ତ ଜେନାଙ୍କ ସମେତ ଅନ୍ୟମାନେ ଦେଖିବାକୁ ପାଇଥିବା ପ୍ରକାଶ କରିଛନ୍ତି। ଏ ନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଓ ହାତୀ ସ୍କ୍ୱାର୍ଡ ଘଟଣାସ୍ଥଳକୁ ଯାଇଥିଲେ ମଧ କୁମ୍ଭୀରକୁ ଠାବ କରିପାରିନାହାନ୍ତି। କୁମ୍ଭୀରଟି ପାଣି ଭିତରକୁ ଚାଲି ଯାଇଥିବା ଅଞ୍ଚଳବାସୀ କହୁଥିବା ବେଳେ ପାଣି ଭିତରେ ଖୋଜାଖୋଜି ହୋଇନାହିଁ। ଏହାକୁ ନେଇ ଖଡଗପ୍ରସାଦ ଗ୍ରାମ ସମେତ ଉପର ଓ ତଳମୁଣ୍ଡ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଏ ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପଚରାଯିବାରେ କହିଛନ୍ତି, ଗ୍ରାମବାସୀଙ୍କଠାରୁ ଖବରପାଇ ବିଭାଗୀୟ କର୍ମଚାରୀଙ୍କ ସହ ସେଠାକୁ ପଠାଇଥିଲୁ। କୁମ୍ଭୀରକୁ ଠାବ କରାଯାଇପାରିନାହିଁ। ଯଦି ପୁଣିଥରେ ଦେଖିବାକୁ ମିଳେ ତାହେଲେ ଖୋଜିବା କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

# ଆର୍ଥିକ ଶିକ୍ଷା କର୍ମଶାଳା



ଢେଙ୍କାନାଳ ଅଫିସ,୧୮।୧୧

ଗଁଦିଆ ବ୍ଲକ୍ ଅନ୍ତର୍ଗତ କାଇମାଟି ପଞ୍ଚାୟତ ଆଛନ୍ଦ ଗ୍ରାମର କଲୋନୀ ସାହି ଅଙ୍ଗନୱାଡି କେନ୍ଦ୍ରରେ ଭାରତୀୟ ପ୍ରତିଭୂତି ବିନିୟମ ବୋର୍ଡ(ସେବି) ଆନୁକୂଲ୍ୟରେ ଶୁକ୍ରବାର ମହିଳାଙ୍କ ନିମନ୍ତେ ଆର୍ଥିକ ଶିକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଇନ୍ଦିରା ସମାଜ ମଙ୍ଗଳ ସଂଗଠନ ସହଯୋଗରେ ସର୍ବେଶ୍ୱର ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ପ୍ରଦ୍ୟୁମ୍ନ ରଥ ସାଧନ କର୍ମୀ ଭାବେ ଯୋଗଦେଇ ଆର୍ଥିକ ଶିକ୍ଷା ପ୍ରଦାନ କରିଥିଲେ। ସେହିପରି ଓଡାପଡା ବ୍ଲକ ସଦାଶିବପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗତ ଶନିବାର ଅପରାହ୍ନରେ ପଞ୍ଚାୟତର ସମିତିସଭ୍ୟା ଧରିତ୍ରୀ ମଲ୍ଲିକଙ୍କ ସହଯୋଗରେ ଆର୍ଥିକ ଶିକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଥିଲା।

■ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରିଣୀ ବୈଠକ

# କୁବେର ଧର୍ମଶାଳା ଦଖଲର ପ୍ରତିବାଦ



ଢେଙ୍କାନାଳ ଅଫିସ,୧୮।୧୧

ଢେଙ୍କାନାଳ ଓ ଅନୁଗୋଳ ଜିଲା ତୈଳିକ ବୈଶ୍ୟ ସମାଜର ଏକ କାର୍ଯ୍ୟକାରୀ କମିଟି ବୈଠକ ରବିବାର ପୂର୍ବାହ୍ନ ୧୧ଟାରେ ଢେଙ୍କାନାଳ ମାଣ୍ଡବାସାହିସ୍ଥିତ ଅନୁଷ୍ଠାନର ସଭାଗୃହରେ ଆୟୋଜିତ ହୋଇଥିଲା। ବୈଠକରେ ପୁରୀ ବାଲିସାହିସ୍ଥିତ କୁବେର ଧର୍ମଶାଳାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବଳପୂର୍ବକ ଦଖଲ କରାଯାଇଥିବା ଅଭିଯୋଗ କରି ଏହାକୁ ନିନ୍ଦା କରାଯାଇଥିଲା। ଏହି ଧର୍ମଶାଳା ଓଡ଼ିଶାର ୬୦ଲକ୍ଷ ତୈଳିକ ସମାଜ ଲୋକଙ୍କ ଅନୁଦାନରେ ନିର୍ମିତ ହୋଇଥିବା ଏବଂ ୧୯୮୯ ମସିହା ବନ୍ଦୋବସ୍ତରେ ଏହାର ପଟ୍ଟା ମଧ ମିଳିଥିବା ବୈଠକରେ କୁହାଯାଇଥିଲା। ବୈଠକରେ କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ସାହୁ ସଭାପତିତ୍ୱ କରିଥିଲେ। ଆଇନ ପରାମର୍ଶଦାତା ପଙ୍କଜ ଲୋଚନ ସାହୁ, ଉପସଭାପତି ଅନୁକୂଳ ସାହୁ, ଶ୍ରୀକାନ୍ତ କୁମାର ସାହୁ, ବୈଦ୍ୟରାଜ ସାହୁ, ସାଧାରଣ ସମ୍ପାଦକ ପୁରୁଷୋତ୍ତମ ସାହୁ, ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ, ରାହାସ କୁମାର ସାହୁ, ଅଶ୍ୱିନୀ କୁମାର ସାହୁ, ନିଖିଳ ଉତ୍କଳ କାର୍ଯ୍ୟକାରୀ ସଭାପତି ବିପ୍ରବର ସାହୁ, ସଞ୍ଜୟ କୁମାର ସାହୁ, ଶ୍ୟାମସୁନ୍ଦର ସାହୁ, ଲଳିତ ମୋହନ ସାହୁ, ନିର୍ମଳ ଚନ୍ଦ୍ର ସାହୁ ଓ ପ୍ରତାପ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ଆଇନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।

■ଜଣାଶୁଣା କଳାକାର ନାଟ୍ୟଶ୍ରୀ ଦେବରାଜ ଛତ୍ରିଆ

# 'କଂସ, ରାବଣ ଭୂମିକା ପ୍ରିୟ'

ପଶ୍ଚିମ ଓଡ଼ିଶାର ଜଣାଶୁଣା କଳାକାର ଭାବେ ପରିଚିତ ନାଟ୍ୟଶ୍ରୀ ଦେବରାଜ ଛତ୍ରିଆ। ବୟସ ୪୦। ବରଗଡ ଜିଲା ବିଜେପୁର ବ୍ଲକ ଟାଙ୍ଗୁରପଦ ଗ୍ରାମର ଦେବରାଜ ପିଲାଟି ଦିନରୁ ଅଭିନୟରେ ରୁଚି ରଖିଥିଲେ। ବିଶେଷକରି ଖଳନାୟକ ଚରିତ୍ର ଥିଲା ତାଙ୍କର ସର୍ବାଧିକ ପସନ୍ଦ। ପୌରାଣିକ ନାଟକ ଏବଂ ଲୋକନାଟ୍ୟରେ କଂସ କିମ୍ବା ରାବଣ ଭୂମିକାରେ ଅଭିନୟ ତାଙ୍କର ବେଶ୍ ପସନ୍ଦ ବୋଲି ଦେବରାଜ କୁହନ୍ତି। ଢେଙ୍କାନାଳ ଉତ୍ସବରେ ଯୋଗଦେବାକୁ ଆସିଥିବା ଦେବରାଜଙ୍କ ସହ 'ଧରିତ୍ରୀ'ର ସ୍ୱତନ୍ତ୍ର ସାକ୍ଷାତକାର।



ଦେବରାଜ ଛତ୍ରିଆ

**୧. ଅଭିନୟ ପ୍ରତି ଆପଣ କିପରି ଆକୃଷ୍ଟ ହେଲେ?**

ଉ. ପିଲାଟି ଦିନରୁ ଅଭିନୟ କରିବା ଆରମ୍ଭ କରିଥିଲି। ମଞ୍ଚ ନାଟକ ଏବଂ ଲୋକ ନାଟକ ମୋର ଭାରି ପସନ୍ଦ। ବଡହେଲା ପରେ ସମାଜସେବା ସହିତ ଅଭିନୟ ମୋର ନିଶା ପାଲଟି ଯାଇଥିଲା।

**୨. କେଉଁ ଚରିତ୍ରରେ ଅଧିକ ଅଭିନୟ କରିଛନ୍ତି?**

ଉ. ପଶ୍ଚିମ ଓଡ଼ିଶାର ବିଜେପୁର, ଝାରସୁଗୁଡା, ପଦ୍ମପୁର, ଖରିଆର ଆଦି ଅଞ୍ଚଳରେ ଧନୁଯାତ୍ରା ଏବଂ ଅନ୍ୟାନ୍ୟ ଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଛି। ଅନେକ ସ୍ଥାନରେ ରାବଣ ଭୂମିକା କରିଛି। ମୟୂରଭଞ୍ଜ, ବାଲେଶ୍ୱର ଅଞ୍ଚଳରେ ମଧ ଲୋକନାଟ୍ୟରେ ଅଭିନୟ କରିବାର ସୁଯୋଗ ମଧ ମିଳିଛି। କିନ୍ତୁ ବରଗଡ ଧନୁଯାତ୍ରା ପାଇଁ କେବେ ସୁଯୋଗ ପାଇନି। ନାରୀ ଚରିତ୍ର ମଧ ବହୁବାର କରିଛି।

**୩. ଖଳନାୟକ ଚରିତ୍ରରେ ଅଭିନୟ କାହିଁକି ପସନ୍ଦ?**

ଉ. ମଞ୍ଚ ନାଟକ ହେଉ କିମ୍ବା ଯାତ୍ରା, ଦର୍ଶକଙ୍କ ଅଧିକ ନଜର ରହିଥାଏ ଖଳନାୟକର ଚରିତ୍ର ଉପରେ। ଖଳନାୟକଙ୍କ ବିଭିନ୍ନ ଭଙ୍ଗୀ ସାଙ୍ଗକୁ ସଂଳାପ ଦର୍ଶକଙ୍କୁ ଆକୃଷ୍ଟ କରିଥାଏ। ନାଟକର ଚରିତ୍ର ଯଦିଓ ଖଳନାୟକ ହୋଇଥାଏ, ମୁଁ କିନ୍ତୁ ଖୋଲା ମଣିଷଟିଏ। କଂସ ଓ ରାବଣ ଖଳଚରିତ୍ର ହେଲେ ମଧ ସେମାନେ ବେଶ୍ ପାଣ୍ଡିତ୍ୟ ଅର୍ଜନ କରିଥିଲେ।

**୪. ଅଭିନୟ ଜୀବନରେ ପରିବାରର ସହଯୋଗ କିପରି?**

ଉ. ପରିବାରର ପ୍ରେରଣା ଯୋଗୁ ଅଭିନୟ କ୍ଷେତ୍ରରେ ଆଗକୁ ବଢିଚାଲିଛି। ମା' ପବିତ୍ରା ଛତ୍ରିଆ ଓ ବାପା ପର୍ଶୁରାମ ଛତ୍ରିଆଙ୍କ ସମେତ ସ୍ତ୍ରୀ କାଞ୍ଚନ ଛତ୍ରିଆ ଓ ୩ୟ ଶ୍ରେଣୀରେ ପଢୁଥିବା ପୁଅ ମୋ ପ୍ରେରଣାର ଉତ୍ସ।

**୫. କଳାକାରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା ପ୍ରୋତ୍ସାହନ କେତେଦୂର ଯଥେଷ୍ଟ?**

ଉ. ଦୁଃଖ ଆସୁ କିମ୍ବା ସୁଖ, କଳାକାର ସବୁବେଳେ ନିଜର କଳା ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରିଥାଏ। ତାଳି ଟିକିଏ ତା ପାଇଁ ବଡ ପ୍ରୋତ୍ସାହନ। କିନ୍ତୁ ଜଣେ କଳାକାରଙ୍କୁ ଜୀବନସାରା ଚଳିବା ପାଇଁ ଯେଉଁଭଳି ପ୍ରୋତ୍ସାହନ ମିଳିବା କଥା, ସେଭଳି ମିଳୁନାହିଁ। ରାଜ୍ୟ ସରକାର କଳାକାରମାନଙ୍କ ଜୀବନ ଜୀବିକାକୁ ବଢାଇବା ପାଇଁ ଅଧିକ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ତାହା ହେଲେ କଳା ଓ କଳାକାର ଉଭୟ ବଞ୍ଚିବେ।

ଫଟୋ ଓ ରିପୋର୍ଟ-ରତନ ନାୟାର।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ